EQUIFAX

sidbi

# ମାଇକ୍ରୋଫାଇନାନ୍ସ ପଲସ

ସଂଖ୍ୟା ୯- ଜୁଲାଇ ୨୦୨୧



# ବିଶ୍ଳେଷଣାତ୍ମକ ଯୋଗାଯୋଗ

## ଇକ୍ୟୁଫ୍ୟାକ୍ସ


କିରଣ ସମୁଦ୍ରାଲା
ଉପସଭାପତି – ବିଶ୍ଳେଷକ
kiran.samudrala@equifax.com

ଶ୍ରୁତି ଯୋଶୀ
ସହ ଉପସଭାପତି – ବିଶ୍ଳେଷକ
shruti.joshi@equifax.com

ବନ୍ଦନା ପାଞ୍ଚାଲ
ବରିଷ୍ଠ ପରିଚାଳକ – ବିଶ୍ଳେଷକ
vandana.panchal@equifax.com


## ସିଡ୍‌ବି


କୈଳାସ ଚନ୍ଦର ଭାନୁ
ମୁଖ୍ୟ ମହାପ୍ରବନ୍ଧକ -ଇଆରଡ଼ିଏଭି
erdav@sidbi.in

ରଙ୍ଗଦାସ ପ୍ରଭାବତୀ
ଉପ ମହାପ୍ରବନ୍ଧକ –ଆରଡ଼ିଏଭି
erdav@sidbi.in

ରମେଶ କୁମାର
ସହାୟକ ପ୍ରବନ୍ଧକ– ଇଆରଡ଼ିଏଭି
rameshk@sidbi.in

# ସୂଚୀପତ୍ର


- ପ୍ରମୁଖ ସାରାଂଶ 04
- ସଂକ୍ଷେପକ ଏବଂ ଶବ୍ଦକୋଷ 05
- ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏକ ଅବଲୋକନ 06
- ବିତରଣୀୟ ଗତିବିଧି 09
- ଉଦ୍ୟୋଗ ବିପଦ ଆଶଙ୍କା 12
- ଭୌଗୋଳିକ ଦୃଷ୍ଟିପାତ 14
- ବିସ୍ତୃତ ରାଜ୍ୟ ସଂକ୍ଷିପ୍ତ ଟିପ୍ପଣୀ-କର୍ଣ୍ଣାଟକ 17
- ଉଚ୍ଚଭିଳାଷୀ ଜିଲ୍ଲା ସମୂହ 22
- କୋଭିଡ-୧୯ ଏବଂ ଭଗତିବିଧ 24

# ପ୍ରମୁଖ ସାରାଂଶ

କୋଭିଡ୍-୧୯ ମାଇକ୍ରୋଫାଇନାନ୍ସ କ୍ଷେତ୍ରକୁ ଅତି ଗୁରୁତର ଭାବେ ପ୍ରଭାବିତ କରିଛି ଦେୟ କ୍ଷେତ୍ର ଭାଙ୍ଗିବା ସହିତ ଯୋଗାଣର ଅବିଚ୍ଛିନ୍ନତା ଏବଂ ବ୍ୟବସାୟିକ କାର୍ଯ୍ୟଧାରା ବିଶେଷ କରି ନିମ୍ନ ରୋଜଗାର ଗୋଷ୍ଠୀ ମଧ୍ୟରେ ଏହା ଅନେକ କ୍ଷତି ପହଞ୍ଚାଇଛି । ମାଇକ୍ରୋଫାଇନାନ୍ସ ପଲସର ଏହି ୯ମ ସଂସ୍କରଣ ମାର୍ଚ୍ଚ ୩୧, ୨୦୨୧ ସୁଦ୍ଧା ମାଇକ୍ରୋଫାଇନାନ୍ସ ଶିଳ୍ପର ଗତିବିଧି ଏବଂ ବିକାଶର ଉପସ୍ଥାପିତ ସୂଚନା ଉପରେ ଆଧାରିତ ଅଟେ ।

୩୧ ମାର୍ଚ୍ଚ, ୨୦୨୧ ସୁଦ୍ଧା ମାଇକ୍ରୋଫାଇନାନ୍ସ ଶିଳ୍ପର ବୁକ୍ ସାଇଜ ୨୪୯.୭୭୭ କୋଟି ଅଟେ, ଯାହା ମଧ୍ୟରୁ ବ୍ୟାଙ୍କ ଏବଂ ଏନବିଏଫସିର ବକେୟା ପୋର୍ଟଫୋଲିଓ ଅବଦାନ ୭୫ ପ୍ରତିଶତରୁ ଅଧିକ ଅଟେ । ମାଇକ୍ରୋଫାଇନାନ୍ସ ଶିଳ୍ପ ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ବର୍ଷରୁ–ବର୍ଷ ବୃଦ୍ଧି ହାରରେ ୧୮ ପ୍ରତିଶତରେ ପହଞ୍ଚିପାରିଛି । ବକେୟା ପୋର୍ଟଫୋଲିଓ ଭିତ୍ତିରେ ଯାହାକି ଏହାର ନମନୀୟତା ଏବଂ ଅସୁଲିକୁ ପ୍ରଦର୍ଶିତ କରୁଥିବା ବେଳେ ଏହା ପୁନର୍ବାର ପୂର୍ବ-କୋଭିଡ୍ ପରିସ୍ଥିତିକୁ ନେଇଯାଇଥାଏ ଉଧାରଦାତା ବର୍ଗରେ ବ୍ୟାଙ୍କ ସବୁଠାରୁ ଉଚ୍ଚତର ୩୬ ପ୍ରତିଶତ ବର୍ଷରୁ–ବର୍ଷ ବୃଦ୍ଧି କରିଛି ଏବଂ ତା ସହିତ ବଜାର ସହଭାଗିତା ମଧ୍ୟ ସୁସଙ୍ଗତ ଭାବରେ ବଢ଼ିଛି ।

ଜାଫେମା'୨୧ ମଧ୍ୟରେ ମାଇକ୍ରୋଫାଇନାନ୍ସ ଶିଳ୍ପ ୯୩,୧୦୦ କୋଟି ପରିମାଣର ଋଣ ବିତରଣ କରିପାରିଛନ୍ତି । ଜାଫେମା'୨୦ରୁ ଜାଫେମା'୨୧ ପର୍ଯ୍ୟନ୍ତ ପରିମାଣ ଅନୁଯାୟୀ ଋଣ ବିତରଣରେ ବର୍ଷରୁ–ବର୍ଷ ମୂଲ୍ୟ ଦୃଷ୍ଟିରୁ ୧୭ ପ୍ରତିଶତ ଏବଂ ୨୬ ପ୍ରତିଶତ ବୃଦ୍ଧି ଘଟିଛି । ସମସ୍ତ ତ୍ରୈମାସିକରେ ବ୍ୟାଙ୍କର ଅବଦାନ ସର୍ବାଧିକ ଅଟେ । ଋଣ ବିତରଣର ସଂଖ୍ୟା ଏବଂ ସର୍ବ ଭାରତୀୟ ହାରାହାରି ଟିକେଟ ଆୟତନ ଅନଡ଼ି'୨୦ରୁ ଜାଫେମା'୨୧ ମଧ୍ୟରେ ୧୯ ପ୍ରତିଶତ ବୃଦ୍ଧି ପାଇଛି ।

ଡ଼ିସେମ୍ବର ୨୦୨୦ ତୁଳନାରେ ମାର୍ଚ୍ଚ ୨୦୨୧ରେ ଶିଳ୍ପରେ ଋଣ ଆଦାୟରେ ଦକ୍ଷତା ବୃଦ୍ଧିର ଦୃଷ୍ଟିଗୋଚ଼ର ହୋଇଛି ଯାହା ଫଳରେ କାର୍ଯ୍ୟକାରୀ ଉଚ୍ଚର ଅବହେଳିତ ବକେଟରେ ସୁଧର ଦେଖାଦେଇଛି ।

ବର୍ଷରୁ-ବର୍ଷ ବୃଦ୍ଧି ହାରରେ ପଶ୍ଚିମ ବଙ୍ଗଳା ପୋର୍ଟଫୋଲିଓ ସଞ୍ଚୟରେ ସବୁଠାରୁ ଉପରେ ଅର୍ଥାତ୍ ୨୫ ପ୍ରତିଶତରେ ରହିଛି ଯାହାକି ଏହି ଶିଳ୍ପ ହାରର ୧୮%ରୁ ଯଥେଷ୍ଟ ଅଧିକ ଅଟେ । ମାର୍ଚ୍ଚ ୨୦୨୦ରେ ଥିବା ପଞ୍ଚମ ସ୍ଥାନରୁ ଉପରକୁ ଉଠି ମହାରାଷ୍ଟ୍ର ୨୦୨୧ ମାର୍ଚ୍ଚରେ ଷଷ୍ଠ ସ୍ଥାନକୁ ଯାଇପାରିଛି । କେବଳ କର୍ଣ୍ଣାଟକକୁ ବାଦ ଦେଇ ୯୦ ଯୁକ୍ତ ଅବହେଳିତରେ ସମସ୍ତ ପାଞ୍ଚଟି ରାଜ୍ୟ ମାର୍ଚ୍ଚ ୨୦୨୦ ତୁଳନାରେ ମାର୍ଚ୍ଚ ୨୦୨୧ରେ ବୃଦ୍ଧି ପାଇଛି ।

ମାଇକ୍ରୋଫାଇନାନ୍ସ ଶିଳ୍ପକୁ ରାଜ୍ୟ ମଧ୍ୟରେ ସବୁଠାରୁ ଉଚ୍ଚରେ ରଖିବା ପ୍ରୟାସକୁ ଜାରି ରଖି ଆମେ ଏହି ଅଧ୍ୟାୟରେ କର୍ଣ୍ଣାଟକ ରାଜ୍ୟ ପାଇଁ ଏକ ବିସ୍ତୃତ ରାଜ୍ୟ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କରିଅଛୁ । ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା କର୍ଣ୍ଣାଟକର ବକେୟା ପୋର୍ଟଫୋଲିଓ ପରିମାଣ ୨୦.୩୩୦ କୋଟି ରହିଛି ଏବଂ ବର୍ଷରୁ-ବର୍ଷ ବୃଦ୍ଧିରେ ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ୧୬ ପ୍ରତିଶତର ଦେଖିବାକୁ ମିଳିଛି । ଋଣ ଉତ୍ସର ସଂଖ୍ୟା ଜାଫେମା'୨୦ରୁ ଜାଫେମା'୨୧ ମଧ୍ୟରେ ବର୍ଷରୁ-ବର୍ଷ ବୃଦ୍ଧିରେ କର୍ଣ୍ଣାଟକ ରାଜ୍ୟରେ ୧୨ ପ୍ରତିଶତ ଦେଖିବାକୁ ମିଳିଛି । ତେଣୁ ମୋଟାମୋଟି ଭାବରେ କର୍ଣ୍ଣାଟକ ରାଜ୍ୟ ପାଇଁ ୯୦ଯୁକ୍ତ ଅବହେଳିତର ସ୍ଥିତି ମାର୍ଚ୍ଚ ୨୦୨୧ରେ ଏହା କେବଳ ୧.୭୩ ରହିଛି ।

ଏହି ସଂସ୍କରଣରେ କୋଭିଡ୍ ସଂକଟ ତଥା ଏହାର ପ୍ରଭାବ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଜୋନରେ ସମ୍ପୂର୍ଣ୍ଣ ଭାବରେ ଆଚ୍ଛାଦିତ କରିଛି, ସମୁଦାୟ ବିତରଣ ପରିମାଣର ଏକ ସିଂହଭାଗ ୪୫ ପ୍ରତିଶତ ବିତରଣର ମୂଲ୍ୟ କେବଳ ପୂର୍ବ ଭାଗରେ ରହିଛି । ବ୍ୟାଙ୍କ ବିତରଣର ପରିମାଣକୁ ନେଇ ବଜାର ପୁଞ୍ଜି ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ସମସ୍ତ ଜୋନ୍‌ରେ ବୃଦ୍ଧି ପାଇଛି । ଜାଫେମା'୨୦ରୁ ଜାଫେମା'୨୧ ମଧ୍ୟରେ ବର୍ଷରୁ ବର୍ଷ ବୃଦ୍ଧି ହାରରେ ଦକ୍ଷିଣ ଜୋନ୍‌ର ସ୍ଥିତି ସବୁଠାରୁ ଅଧିକ ୧୩ ପ୍ରତିଶତର ଦୃଷ୍ଟି ଗୋଚ଼ର ହୋଇଛି ।


# ସଂକ୍ଷେପକ ଏବଂ ଶବ୍ଦକୋଷ

- ATS ଏଟିଏସ (ହାରାହାରି ଟିକେଟ ଆକାର = ପ୍ରଦତ୍ତ ରକମ / ଋଣ ସଂଖ୍ୟା
- DPD = ଅତୀତର ଦିନ ଗୁଡ଼ିକ
- Live POS or Borrowers or Active loans = 0 to 179 DPD + ନୂତନ ଖାତା + ବର୍ତ୍ତମାନ ଖାତା
- MFI ଏମଏଫଆଇ = ମାଇକ୍ରୋଫାଇନାନ୍ସ ଉଦ୍ୟୋଗ
- POS ପିଓଏସ = ପୋର୍ଟଫୋଲିଓ ବକେୟା
- UT ୟୁଟି = କେନ୍ଦ୍ର ଶାସିତ ଅଞ୍ଚଳ
- AspirationalDistricts(AD)- ଉଚ୍ଚଭିଳାଷୀ ଜିଲ୍ଲା ସମୂହ (ଯାହାର ବର୍ତ୍ତମାନ ସଂଖ୍ୟା ୧ ୧ ୭) ଯେଉଁମାନେ ଜାନୁୟାରୀ ୨୦୧୮ରେ ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ଚିହ୍ନଟ ହୋଇଛି, ଯାହା ମାନବ ବିକାଶ ପରିମାପକ ବୃଦ୍ଧିକୁ ଉନ୍ନତ କରିବା ପାଇଁ ରହିଅଛି ବଦଳରେ ଏହା ପରିମିଶ୍ରିତ ସୂଚକ ଯେପରିକି ସ୍ୱାସ୍ଥ୍ୟ ଏବଂ ପୁଷ୍ଟକର ଶିକ୍ଷା, କୃଷି ଏବଂ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଉପରେ ଆଧାରିତ ।

- ୧-୧୭୯ = ୧ରୁ ୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୧-୨୯ = ୧ରୁ ୨୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୩୦-୫୯ = ୩୦ରୁ ୫୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୬୦-୮୯ = ୬୦ରୁ ୮୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୯୦-୧୭୯ = ୯୦ରୁ ୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୩୦ରୁ ଅଧିକ ଅବହେଳିତ = ୩୦ -୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୯୦ରୁ ଅଧିକ = ୩୦ -୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା

- ଜାଫେମା'୨୦ = ଜାନୁୟାରୀ ୨୦୨୦ରୁ ମାର୍ଚ୍ଚ ୨୦୨୦
- ଅମେଜୁ'୨୦ = ଅପ୍ରେଲ ୨୦୨୦ରୁ ଜୁନ୨୦୨୦
- ଜୁଅସେ'୨୦ = ଜୁଲାଇ ୨୦୨୦ରୁ ସେପ୍ଟେମ୍ବର ୨୦୨୦
- ଅନଡ଼ି '୨୦ = ଅକ୍ଟୋବର ୨୦୨୦ରୁ ଡ଼ିସେମ୍ବର ୨୦୨୦
- ଜାଫେମା '୨୧ = ଜାନୁୟାରୀ ୨୦୨୧ରୁ ମାର୍ଚ୍ଚ ୨୦୨୧


# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ
# ଏକ ଅବଲୋକନ



Powering the World with knowledge ™

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏକ ଛାୟାଚିତ୍ର

ମାର୍ଚ୍ଚ ୩୧, ୨୦୨୧





| ମାର୍ଚ୍ଚ ୩୧,୨୦୨୧ ସୁଦ୍ଧା ଛାୟାଚିତ୍ର | ବ୍ୟାଙ୍କ | ଏସଏଫବି | ଏନବିଏଫସି ଏମଏଫଆଇ ସମୂହ | ଏନବିଏଫସି | ଏମଏଫଆଇ ପାଇଁ ଲାଭଦାୟକ ନୁହେଁ | ଉଦ୍ୟୋଗ ସମୂହ |
|---|---|---|---|---|---|---|
| ଅଦ୍ୱିତୀୟ ସଦ୍ୟ ଋଣଦାତା (‘୦୦୦) | ୨୭,୩୫୯ | ୧୩,୫୩୧ | ୨୪,୭୦୦ | ୭,୨୯୭ | ୮୪୬ | ୭୩,୭୩୩ |
| ଚ଼ଳନ୍ତି ଋଣ ସମୂହ (‘୦୦୦) | ୪୧,୫୨୯ | ୧୬,୭୭୯ | ୩୬,୩୬୮ | ୭,୮୬୬ | ୧,୧୦୮ | ୧୦୩,୬୫୦ |
| ପୋର୍ଟଫୋଲିଓ (କୋର୍ଟି ଟଙ୍କାରେ) | ୧୦୯,୮୬୬ | ୩୮,୯୦୩ | ୭୯,୪୨୦ | ୧୮,୯୯୨ | ୨,୦୯୫ | ୨୪୯,୨୭୭ |
| ବିତରଣ ପରିମାଣ (କୋଟି ଟଙ୍କାରେ) – ଜାଫେମା ’୨୧ | ୪୮,୭୬୫ | ୧୧,୬୦୩ | ୨୭,୩୯୫ | ୪,୬୭୧ | ୬୬୬ | ୯୩,୧୦୦ |
| ହାରାହାରୀ ଟିକେଟ୍ ଆକାର (ଟଙ୍କା) ଜାଫେମା ’୨୧ | ୪୩,୪୧୭ | ୩୬,୯୯୩ | ୩୫,୨୨୩ | ୪୧,୨୫୬ | ୩୨,୦୩୭ | ୩୯,୬୨୭ |
| ୩୦ରୁ ଅଧିକ ଅବହେଳିତ (ଚ଼ଳନ୍ତି ପୋର୍ଟଫୋଲିଓ) | ୧୦.୬୩% | ୮.୦୬% | ୭.୧୫% | ୧୦.୫୬% | ୧.୭୨% | ୯.୦୪% |
| ୯୦ରୁ ଅଧିକ ଅବହେଳିତ (ଚ଼ଳନ୍ତି ପୋର୍ଟଫୋଲିଓ) | ୪.୮୧% | ୩.୫୧% | ୩.୩୩% | ୫.୦୬% | ୦.୯୫% | ୪.୧୨% |

- ମାଇକ୍ରୋଫାଇନାନ୍ସ ଶିଳ୍ପର ବକେୟା ପୋର୍ଟଫୋଲିଓ ମାର୍ଚ୍ଚ ୨୦୨୧ରେ ୨୪୯,୨୭୭ କୋଟିରେ ରହିଛି
- ବଳକା ପୋର୍ଟଫୋଲିଓର ୭୫ ପ୍ରତିଶତରୁ ଅଧିକ ଅବଦାନ ବ୍ୟାଙ୍କ ଏବଂ ଏନବିଏଫସି- ମାଇକ୍ରୋଫାଇନାନ୍ସ ଶିଳ୍ପର ରହିଛି ।
- ଜାଫେମା’୨୧ ମଧ୍ୟରେ ବିତରଣୀୟ ରାଶିର ପରିମାଣ ୯୩,୧୦୦ କୋଟି ରହିଛି ଯାହା ମଧ୍ୟରେ ବ୍ୟାଙ୍କର ଅବଦାନ ୫୨ ପ୍ରତିଶତ ରହିଥିଲା ବେଳେ ଏନବିଏଫସି – ମାଇକ୍ରୋଫାଇନାନ୍ସ ଶିଳ୍ପ ଅବଦାନ ୨୯ ପ୍ରତିଶତ ଅଛି ।
- ଏନବିଏଫସି – ମାଇକ୍ରୋଫାଇନାନ୍ସ, ଏସ୍ଏଫବି ତଥା ଅଣ ଲାଭଦାୟ ମାଇକ୍ରୋଫାଇନାନ୍ସ ଶିଳ୍ପର ୩୦ ଯୁକ୍ତ ଏବଂ ୯୦ ଯୁକ୍ତ ଅବହେଳିତର ସ୍ଥିତି ଶିଳ୍ପ ଅବହେଳିତ ଠାରୁ ନିମ୍ନ ସ୍ତରରେ ରହିଛି ।

**ଟିପ୍ପଣୀ :** ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ବିଭାଗରେ ୬କୋଟିର ଅଦ୍ୱିତୀୟ ଚ଼ଳନ୍ତି ଉଧାରୀଦାତା ଅଛନ୍ତି । ଗ୍ରାହକଙ୍କର ଅଦ୍ୱିତୀୟ ସଂଖ୍ୟାର ଅମେଳର ମୁଖ୍ୟ କାରଣ ମଧ୍ୟରେ ରହିଛି ଗ୍ରାହକମାନେ ବିଭିନ୍ନ ପ୍ରକାର ଅନୁଷ୍ଠାନ ସହିତ ସମ୍ପର୍କରେ ଅଛନ୍ତି ଯାହା ମଧ୍ୟରେ ରହିଛି ଏସଏଫବି ସମୂହ, ବ୍ୟାଙ୍କ ସମୂହ, ଏନବିଏଫସି-ଏମଏଫଆଇ ସମୂହ, ଏନଏଫସି ସମୂହ ଏବଂ ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ପାଇଁ ଲାଭଦାୟକ ନୁହେଁ ଇତ୍ୟାଦି ।

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ଏକ ଅବଲୋକନ


**ଉଧାରଦାତା ପ୍ରକାର ଦ୍ୱାରା ବଜାର ଅଂଶଧନର ଗତିବିଧି**





| ବିଷୟବସ୍ତୁ | ମାର୍ଚ୍ଚ'୨୦ | ଜୁନ୍'୨୦ | ସେପ୍ଟେମ୍ବର'୨୦ | ଡ଼ିସେମ୍ବର'୨୦ | ମାର୍ଚ୍ଚ'୨୧ |
|---|---|---|---|---|---|
| ବ୍ୟାଙ୍କ | ୮୧,୦୦୧ | ୯୧,୯୨୦ | ୯୩,୪୦୯ | ୯୬,୬୮୩ | ୧୦୯,୮୭୭ |
| ଏସଏଫବି | ୩୮,୯୮୬ | ୩୯,୨୨୫ | ୪୨,୬୮୨ | ୩୮,୧୦୯ | ୩୮,୯୦୩ |
| ଏନବିଏଫସି ଏମଏଫଆଇ ସମୂହ | ୭୨,୧୧୦ | ୭୧,୩୪୨ | ୭୦,୧୪୨ | ୭୩,୧୬୬ | ୭୯,୪୧୦ |
| ଏନବିଏଫସି | ୧୮,୦୭୩ | ୧୯,୮୭୫ | ୧୯,୮୩୮ | ୧୮,୯୮୮ | ୧୮,୯୯୨ |
| ଏମଏଫଆଇ ପାଇଁ ଲାଭଦାୟକ ନୁହେଁ | ୧,୭୭୯ | ୧,୮୪୨ | ୧,୭୭୨ | ୧,୮୭୨ | ୨,୦୯୫ |
| ଉଦ୍ୟୋଗ ସମୂହ | ୨୧୧,୮୪୯ | ୨୨୪,୨୦୪ | ୨୨୭,୮୪୩ | ୨୨୮,୮୧୮ | ୨୪୯,୨୭୭ |
| ତ୍ରୈମାସିକରୁ ତ୍ରୈମାସିକ ବୃଦ୍ଧିର ହାର% | - | ୬% | ୨% | ୦% | ୯% |

- ମାଇକ୍ରୋଫାଇନାନ୍ସ ଶିଳ୍ପ ସେହି ପୂର୍ବ କୋଭିଡ୍ ସ୍ଥିତିକୁ ଫେରୁଛି । ଏହି ଶିଳ୍ପ ବର୍ଷରୁ ବର୍ଷ ବୃଦ୍ଧି ହାରରେ ଡ଼ିସେମ୍ବର ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ୯ ପ୍ରତିଶତ ଦେଖାଦେଇଥିବା ବେଳେ ଏହି ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୧ରେ ୧୮ ପ୍ରତିଶତ ରହିଛି ।
- ଋଣଦାତା ଗୋଷ୍ଠୀ ମଧ୍ୟରୁ ବର୍ଷରୁ ବର୍ଷ ବୃଦ୍ଧି ହାରରେ ବ୍ୟାଙ୍କର ଅଭିବୃଦ୍ଧି ୩୬ ପ୍ରତିଶତ ପଞ୍ଜିକୃତ ହେବା ସହିତ ବଜାର ପୁଞ୍ଜି ସୁସଂଗଠିତରେ ମଧ୍ୟ ବୃଦ୍ଧି ପାଇଛି ।
- ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ବଜାର ପୁଞ୍ଜି ଲଗାଣ ଏନବିଏଫସି – ମାଇକ୍ରୋଫାଇନାନ ଏବଂ ଏସଏଫବି ମଧ୍ୟରେ ପ୍ରାୟ ୨ ପ୍ରତିଶତ ନିମ୍ନଗାମୀ ହୋଇଛି ।

# ବିତରଣୀୟ ଗତିବିଧି



# ବିତରଣୀୟ ଗତିବିଧି ଅନୁଷ୍ଠାନ ଭିତ୍ତିକ





ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଉଧାରଦାତା ପ୍ରକାର | ଜାଫେମା'୨୦ | ଅମେଜୁ'୨୦ | ଜୁଅସେ '୨୦ | ଅନଡ଼ି '୨୦ | ଜାଫେମା'୨୧ |
|---|---|---|---|---|---|
| ବ୍ୟାଙ୍କ ସମୂହ | ୮୩ | ୧୪ | ୪୭ | ୧୦୨ | ୧୧୨ |
| ଏସଏଫବି ସମୂହ | ୩୧ | ୫ | ୧୨ | ୨୦ | ୩୧ |
| ଏନବିଏଫସି - ଅଣୁଅର୍ଥ ପ୍ରତିଷ୍ଠାନ ସମୂହ | ୭୩ | ୨ | ୩୩ | ୬୫ | ୭୮ |
| ଏନବିଏଫସି ସମୂହ | ୧୧ | ୧ | ୫ | ୮ | ୧୧ |
| ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଯାହା ଲାଭ ପାଇଁ ନୁହେଁ | ୩ | ୧ | ୨ | ୨ | ୩ |
| ଉଦ୍ୟୋଗ ସମୂହ | ୨୦୧ | ୨୩ | ୯୯ | ୧୯୭ | ୨୩୫ |

- ଜାଫେମା'୨୧ ମଧ୍ୟରେ ମାଇକ୍ରୋଫାଇନାନ୍ସ ଶିଳ୍ପ ୯୩,୧୦୦ କୋଟି ପରିମାଣର ଋଣ ବିତରଣ କରିପାରିଛନ୍ତି । ଜାଫେମା'୨୦ରୁ ଜାଫେମା'୨୧ ପର୍ଯ୍ୟନ୍ତ ପରିମାଣ ଅନୁଯାୟୀ ଋଣ ବିତରଣରେ ବର୍ଷରୁ–ବର୍ଷ ମୂଲ୍ୟ ଦୃଷ୍ଟିରୁ ୧୭ ପ୍ରତିଶତ ଏବଂ ୨୬ ପ୍ରତିଶତ ବୃଦ୍ଧି ଘଟିଛି । ସମସ୍ତ ତ୍ରୈମାସିକରେ ବ୍ୟାଙ୍କର ଅବଦାନ ସର୍ବାଧିକ ଅଟେ ।
- ଜାଫେମା'୨୦ରୁ ଜାଫେମା'୨୧ ମଧ୍ୟରେ ଋଣ ଉସ୍ର ୧ ପ୍ରତିଶତ ବୃଦ୍ଧି ପାଇଛି ।
- ଜାଫେମା'୨୦ରୁ ଜାଫେମା'୨୧ ମଧ୍ୟରେ ବ୍ୟାଙ୍କ ଦ୍ୱାରା ପ୍ରଦାନ ଋଣର ସଂଖ୍ୟାରେ ୩୫ ପ୍ରତିଶତ ବୃଦ୍ଧି ।

# ଉଦ୍ୟୋଗ

## ଟିକେଟ ଆକାରର ଗତିବିଧି




ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଋଣ ପରିମାଣ | ଜାଫେମା’୨୦ | ଅମେଜୁ’୨୦ | ଜୁଅସେ ’୨୦ | ଅନଡ଼ି ’୨୦ | ଜାଫେମା’୨୧ | ବର୍ଷକୁ ବର୍ଷ ବୃଦ୍ଧିର ଶତକଡ଼ା ହାର |
|---|---|---|---|---|---|---|
| ୦,୦୦୦ - ୧୦,୦୦୦ | ୯ | ୨ | ୪ | ୩୪ | ୧୯ | ୧୧୧% |
| ୧୦,୦୦୦ - ୨୦,୦୦୦ | ୧୨ | ୧୦ | ୧୬ | ୨୦ | ୧୯ | ୫୮% |
| ୨୦,୦୦୦ - ୩୦,୦୦୦ | ୪୬ | ୨ | ୧୮ | ୩୩ | ୩୯ | -୧୫% |
| ୩୦,୦୦୦ - ୪୦,୦୦୦ | ୬୩ | ୩ | ୨୪ | ୪୪ | ୫୯ | -୬% |
| ୪୦,୦୦୦ - ୫୦,୦୦୦ | ୩୩ | ୨ | ୧୮ | ୨୯ | ୩୮ | ୧୫% |
| ୫୦,୦୦୦ - ୬୦,୦୦୦ | ୧୯ | ୨ | ୧୦ | ୧୮ | ୨୮ | ୪୭% |
| ୬୦,୦୦୦ + | ୧୯ | ୨ | ୯ | ୧୯ | ୩୩ | ୭୪% |
| ସମୁଦାୟ | ୨୦୧ | ୨୩ | ୯୯ | ୧୯୭ | ୨୩୫ | ୧୭% |
| ତ୍ରୈମାସିକରୁ ତ୍ରୈମାସିକ ଋଣ ବିତରଣ ବୃଦ୍ଧିର %ହାର | - | -୮୯% | ୩୩୦% | ୯୯% | ୧୯% | - |
| ସର୍ବଭାରତୀୟ ପ୍ରଦତ୍ତ ଋଣ ପରିମାଣ (ଟଙ୍କାରେ) | ୩୬,୭୨୩ | ୨୮,୫୭୭ | ୩୫,୫୧୯ | ୩୩,୧୯୦ | ୩୯,୬୨୨ | - |
| ତ୍ରୈମାସିକରୁ ତ୍ରୈମାସିକ ପ୍ରଦତ୍ତ ଋଣ ପରିମାଣ ବୃଦ୍ଧିର ହାର | - | -୨୨% | ୨୪% | -୭% | ୧୯% | - |


- ଜାଫେମା’୨୧ ସୁଦ୍ଧା ୨୦ ହଜାରରୁ ୪୦ ହଜାର ଟିକେଟ ଆୟତନ ବର୍ଗ ମଧ୍ୟରେ ୯୮ ଲକ୍ଷ ସଂଖ୍ୟାର ଋଣ ଦିଆଯାଇଛି ଯାହାକି
- ହଜାରରୁ ୧୦ ହଜାର ଟିକେଟ ଆୟତନର ମୋଟ ୪୨ ପ୍ରତିଶତ ଅଟେ ଯାହା ବର୍ଷରୁ ବର୍ଷ ବୃଦ୍ଧିର ସର୍ବୋଚ୍ଚ ୧୧ ପ୍ରତିଶତ ଅନୁମେୟ ।
- ଋଣ ବିତରଣର ସଂଖ୍ୟା ଏବଂ ସର୍ବଭାରତୀୟ ହାରାହାରି ଟିକେଟ ଆୟତନ ଅନଡ଼ି’୨୦ରୁ ଜାଫେମା’୨୧ ମଧ୍ୟରେ ୧୯ ପ୍ରତିଶତ ବୃଦ୍ଧି ପାଇଛି ।

# ଉଦ୍ୟୋଗ

# ବିପଦ ଆଶଙ୍କା



# ଅବହେଳିତ ଗତିବିଧି




ଅତୀତର ଧାର୍ଯ୍ୟ ଦିନଗୁଡ଼ିକ ଦ୍ୱାରା ଅବହେଳିତ

| ଉପସ୍ଥାପିତ ତ୍ରୈମାସିକ | ୧-୨୯ ଅତୀତର ଧାର୍ଯ୍ୟ ଦିନଗୁଡ଼ିକ | ୩୦-୫୯ ଅତୀତର ଧାର୍ଯ୍ୟ ଦିନଗୁଡ଼ିକ | ୬୦-୮୯ ଅତୀତର ଧାର୍ଯ୍ୟ ଦିନଗୁଡ଼ିକ | ୯୦-୧୭୯ ଅତୀତର ଧାର୍ଯ୍ୟ ଦିନଗୁଡ଼ିକ | ୧-୧୭୯ ଅତୀତର ଧାର୍ଯ୍ୟ ଦିନଗୁଡ଼ିକ |
|---|---|---|---|---|---|
| ମାର୍ଚ୍ଚ’୨୦ | ୨.୦୬% | ୦.୫୦% | ୦.୪୨% | ୦.୮୬% | ୩.୮୪% |
| ଜୁନ’୨୦ | ୧.୩୦% | ୧.୦୩% | ୦.୪୩% | ୦.୪୩% | ୩.୨୦% |
| ସେପ୍ଟେମ୍ବର’୨୦ | ୧୫.୩୫% | ୩.୪୭% | ୦.୩୯% | ୦.୬୩% | ୧୯.୮୩% |
| ଡିସେମ୍ବର’୨୦ | ୭.୫୦% | ୪.୭୩% | ୩.୪୯% | ୪.୯୬% | ୨୦.୬୮% |
| ମାର୍ଚ୍ଚ’୨୧ | ୪.୫୫% | ୨.୯୦% | ୨.୦୧% | ୪.୧୨% | ୧୩.୫୯% |

- ୧-୧୭୯ ଅତୀତର ଅବହେଳିତ ଧାର୍ଯ୍ୟ ଦିନ ଗୁଡ଼ିକ ଖସି ଆସିଛି ଡ଼ିସେମ୍ବର ୨୦୨୦ରେ ୨୦.୬୮ ପ୍ରତିଶତରୁ ମାର୍ଚ୍ଚ ୨୦୨୧ ୧୩.୫୯ ପ୍ରତିଶତକୁ ।
- ୧-୨୯ ଅତୀତର ଅବହେଳିତ ଧାର୍ଯ୍ୟ ଦିନ ଗୁଡ଼ିକର ବକେଟ୍ ଡ଼ିସେମ୍ବର ୨୦୨୦ ତୁଳନାରେ ୩ ପ୍ରତିଶତ ଖସି ଆସିଛି ।
- ୬୦-୮୯ ଅତୀରେ ଅବହେଳିତ ଧାର୍ଯ୍ୟ ଦିନ ଗୁଡ଼ିକର ବକେଟ ମାର୍ଚ୍ଚ ୨୦୨୧ରେ ନିମ୍ନଗାମୀ ଅବହେଳିତ ଦୃଷ୍ଟିଗୋଚର ହୋଇଛି ।

**Note:** Delinquencies calculated basis POS.

# ଭୌଗୋଳିକ ଦୃଷ୍ଟିପାତ



# ଦଶଟି ପ୍ରମୁଖ ରାଜ୍ୟ ପୋର୍ଟଫୋଲିଓ ଗତିବିଧି


| ଦଶଟି ପ୍ରମୁଖ ରାଜ୍ୟ | ମାର୍ଚ୍ଚ '୨୦ ବକେୟା ପୋର୍ଟଫୋଲିଓ (କୋଟିରେ) | ର୍ୟାଙ୍କ | ମାର୍ଚ୍ଚ '୨୧ ବକେୟା ପୋର୍ଟଫୋଲିଓ (କୋଟିରେ) | ର୍ୟାଙ୍କ | ବର୍ଷରୁ ବର୍ଷ ବୃଦ୍ଧି ହାର |
|---|---|---|---|---|---|
| ପଶ୍ଚିମ ବଙ୍ଗଳା | ୨୯,୮୫୮ | ୧ | ୩୭,୨୦୧ | ୧ | ୨୫% |
| ତାମିଲନାଡୁ | ୨୭,୦୭୭ | ୨ | ୩୧,୨୪୮ | ୨ | ୧୫% |
| ବିହାର | ୨୫,୪୨୭ | ୩ | ୨୮,୯୯୭ | ୩ | ୧୪% |
| କର୍ଣ୍ଣାଟକ | ୧୭,୫୯୪ | ୪ | ୨୦,୩୩୦ | ୪ | ୧୬% |
| ମହାରାଷ୍ଟ୍ର | ୧୫,୩୫୨ | ୫ | ୧୭,୨୨୪ | ୬ | ୧୨% |
| ଉତର ପ୍ରଦେଶ | ୧୪,୪୭୮ | ୬ | ୧୮,୦୧୧ | ୫ | ୨୪% |
| ଓଡ଼ିଶା | ୧୨,୪୮୯ | ୭ | ୧୪,୧୭୮ | ୮ | ୧୪% |
| ମଧ୍ୟ ପ୍ରଦେଶ | ୧୨,୩୫୪ | ୮ | ୧୫,୦୦୬ | ୭ | ୨୧% |
| ଆସାମ | ୧୧,୦୨୫ | ୯ | ୧୦,୪୯୮ | ୧୦ | -୫% |
| ରାଜସ୍ଥାନ | ୮,୫୯୦ | ୧୦ | ୧୧,୦୮୫ | ୯ | ୨୯% |
| ଦଶଟି ପ୍ରମୁଖ ରାଜ୍ୟ | ୧୭୪,୨୪୪ | - | ୨୦୩,୭୭୮ | - | ୧୭% |
| ଅନ୍ୟାନ୍ୟ | ୩୭,୬୦୫ | - | ୪୫,୪୯୯ | - | ୨୧% |
| ଶିଳ୍ପ | ୨୧୧,୮୪୯ | - | ୨୪୯,୨୭୭ | - | ୧୮% |

- ୧୦ଟି ପ୍ରମୁଖ ରାଜ୍ୟ ଦ୍ୱାରା ୮୦ ପ୍ରତିଶତରୁ ଅଧିକ ଯୋଗଦାନ ବକେୟା ପୋର୍ଟଫୋଲିଓ ପାଇଁ ହୋଇଛି ମାର୍ଚ୍ଚ ୨୦୨୦ ଏବଂ ମାର୍ଚ୍ଚ ୨୦୨୧ରେ ।
- ବର୍ଷରୁ ବର୍ଷ ବୃଦ୍ଧି ସହିତ ୨୫ ପ୍ରତିଶତରେ ପଶ୍ଚିମବଙ୍ଗ ସର୍ବୋଚ୍ଚ ବକେୟା ପୋର୍ଟଫୋଲିଓ ରାଜ୍ୟ ଅଟେ ଯାହାକି ଉଚ୍ଚ ଶିଳ୍ପ ଅଭିବୃଦ୍ଧିର ୧୮ ପ୍ରତିଶତରୁ ଅଧିକ ଅଟେ ।
- ମାର୍ଚ୍ଚ ୨୦୨୧ରେ ମହାରାଷ୍ଟ୍ର ଏହି ଦୌଡ଼ରେ ଷଷ୍ଠ ସ୍ଥାନରେ ରହିଛି ମାର୍ଚ୍ଚ ୨୦୨୦ର ପଞ୍ଚମ ସ୍ଥାନରୁ ।

**Note:** Selection of Top 10 states is basis POS of March 2020

Ranks assigned basis POS

# ଦଶଟି ପ୍ରମୁଖ ରାଜ୍ୟ
# ୯୦+
# ଅବହେଳିତ ଗତିବିଧି




- ୧୦ଟି ପ୍ରମୁଖ ରାଜ୍ୟ ଦ୍ୱାରା ୮୦ ପ୍ରତିଶତରୁ ଅଧିକ ଯୋଗଦାନ ବକେୟା ପୋର୍ଟଫୋଲିଓ ପାଇଁ ହୋଇଛି ମାର୍ଚ୍ଚ ୨୦୨୦ ଏବଂ ମାର୍ଚ୍ଚ ୨୦୨୧ରେ ।
- ବର୍ଷରୁ ବର୍ଷ ବୃଦ୍ଧି ସହିତ ୨୫ ପ୍ରତିଶତରେ ପଶ୍ଚିମବଙ୍ଗ ସର୍ବୋଚ୍ଚ ବକେୟା ପୋର୍ଟଫୋଲିଓ ରାଜ୍ୟ ଅଟେ ଯାହାକି ଉଚ୍ଚ ଶିଳ୍ପ ଅଭିବୃଦ୍ଧିର ୧୮ ପ୍ରତିଶତରୁ ଅଧିକ ଅଟେ ।
- ମାର୍ଚ୍ଚ ୨୦୨୧ରେ ମହାରାଷ୍ଟ୍ର ଏହି ଦୌଡ଼ରେ ଷଷ୍ଠ ସ୍ଥାନରେ ରହିଛି ମାର୍ଚ୍ଚ ୨୦୨୦ର ପଞ୍ଚମ ସ୍ଥାନରୁ ।

**Note:** * Selection of Top 10 states is basis POS of March 2020.


Delinquencies calculated basis POS.

# ବିସ୍ତୃତ ରାଜ୍ୟ ସଂକ୍ଷିପ୍ତ ଟିପ୍ପଣୀ କର୍ଣ୍ଣାଟକ




# କର୍ଣ୍ଣାଟକ
# ରାଜ୍ୟ ଦୃଶ୍ୟପଟ


ସକ୍ରିୟ ଋଣ ('୦୦୦)




ପୋର୍ଟଫୋଲିଓ (କୋଟିରେ)




ବିତରଣ ଅର୍ଥ ପରିମାଣ-ଜୁଅସେ'୨୦ (କୋଟିରେ)




■ ବ୍ୟାଙ୍କ ■ ଏସଏଫବି ■ ଏନବିଏଫସି ଏମଏଫଆଇ ସମୂହ ■ ଏନବିଏଫସି ■ ଏମଏଫଆଇ ପାଇଁ ଲାଭଦାୟକ ନୁହେଁ

| ୩୧,ମାର୍ଚ୍ଚ ୨୦୨୧ ସୁଦ୍ଧା କର୍ଣ୍ଣାଟକ ଦୃଶ୍ୟପଟ | ବ୍ୟାଙ୍କ | ଏସଏଫବି | ଏନବିଏଫସି –ଏମଏଫଆଇ | ଏନବିଏଫସି | ଏମଏଫଆଇ ପାଇଁ ଲାଭଦାୟକ ନୁହେଁ | ଉଦ୍ୟୋଗ ସମୂହ |
|---|---|---|---|---|---|---|
| କାର୍ଯ୍ୟକ୍ଷମ ଋଣ ('୦୦୦) | ୨,୬୧୨ | ୧,୩୫୧ | ୩,୮୪୪ | ୮୬୮ | ୧ | ୮,୬୭୬ |
| ପୋର୍ଟଫୋଲିଓ ବକେୟା (କୋଟିରେ) | ୫,୪୫୫ | ୩,୦୫୯ | ୯,୭୩୪ | ୨,୦୭୮ | ୪ | ୨୦,୩୩୦ |
| ବାକୟା ପୋର୍ଟଫୋଲିଓରେ ବଜାର ଅଂଶଧନ | ୨୭% | ୧୫% | ୪୮% | ୧୦% | ୦% | - |
| ବିତରଣ ଅର୍ଥ ପରିମାଣ- (କୋଟିରେ) ଅନର୍ଡ଼ '୨୦ | ୨,୫୩୨ | ୯୧୪ | ୩,୫୮୪ | ୫୨୪ | ୧ | ୭,୫୫୫ |
| ହାରାହାରୀ ଟିକେଟ ଆକାରର ଅନଡ଼ '୨୦ | ୩୩,୯୩୩ | ୩୭,୩୮୯ | ୩୮,୩୧୫ | ୪୧,୬୦୩ | ୪୪,୮୫୬ | ୩୬,୮୧୪ |
| ୩୦ + ଅବହେଳିତ (ପିଓଏସ) | ୩.୪୮% | ୫.୭୧% | ୩.୦୨% | ୬.୨୯% | ୧.୭୭% | ୩.୮୮% |
| ୯୦ + ଅବହେଳିତ (ପିଓଏସ) | ୦.୮୭% | ୨.୭୧% | ୧.୭୨% | ୨.୬୨% | ୦.୪୯% | ୧.୭୩% |

- ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା କର୍ଣ୍ଣାଟର ବକେୟା ପୋର୍ଟଫୋଲିଓ ପରିମାଣ ୨୦,୩୩୦ କୋଟି ରହିଛି
- ଏନବିଏଫସି – ମାଇକ୍ରୋଫାଇନାନ୍ସ ଶିଳ୍ପରେ ବକେୟା ପୋର୍ଟଫୋଲିଓ ସର୍ବୋଚ୍ଚ ୪୮ ପ୍ରତିଶତ ବଜାର ପୁଞ୍ଜିରେ ରହିଛି।
- ଜାଫେମା'୨୧ରେ ସର୍ବମୋଟ ୭,୫୫୫ କୋଟିର ଋଣ କର୍ଣ୍ଣାଟକରେ ପ୍ରଦାନ କରାଯାଇଛି।
- ଏନବିଏଫସି ସମୂହ, ଏନବିଏଫସି – ମାଇକ୍ରୋଫାଇନାନ୍ସ ଶିଳ୍ପ ସମୂହ ଆୟତନ ଜେଏଫବି ଏବଂ ଅଣ ଲାଭଦାୟୀ ମାଇକ୍ରୋଫାଇନାନ୍ସ ଗୁଡ଼ିକର ହାରାହାରି ଟିକେଟ (ଋଣପ୍ରଦାନ ପରିମାଣ/ ଋଣ ପ୍ରଦାନ ସଂଖ୍ୟା) କର୍ଣ୍ଣାଟକ ହାରାହାରି ଟିକେଟ ଆୟତନ ଠାରୁ ସର୍ବୋଚ୍ଚ ଅଟେ।
- କର୍ଣ୍ଣାଟକ ରାଜ୍ୟରେ ୯୦ ଯୁକ୍ତ ଅବହେଳିତ ବ୍ୟାଙ୍କ ଏବଂ ଅଣ-ଲାଭଦାୟୀ ମାଇକ୍ରୋଫାଇନାନ୍ସ ସଂଖ୍ୟା ୧ ପ୍ରତିଶତରୁ କମ୍ ଅଟେ।


# କର୍ଣ୍ଣାଟକ ବିତରଣୀୟ ଗତିବିଧି

ଋଣ ବିତରଣ ସଂଖ୍ୟା(‘000)

| ଟିକେଟ ଆକାର | ଜାଫେମା’୨୦ | ଅମେଜୁ’୨୦ | ଜୁଅସେ ’୨୦ | ଅନଡ଼ି ’୨୦ | ଜାଫେମା’୨୦ |
|---|---|---|---|---|---|
| ୦,୦୦୦-୧୦,୦୦୦ | ୨୫୩ | ୨୧ | ୯୪ | ୨୩୨ | ୧୮୫ |
| ୧୦,୦୦୦-୨୦,୦୦୦ | ୨୩୧ | ୯୪ | ୧୮୮ | ୧୫୯ | ୧୯୩ |
| ୨୦,୦୦୦-୩୦,୦୦୦ | ୩୭୫ | ୧୦ | ୧୩୭ | ୨୬୭ | ୩୪୭ |
| ୩୦,୦୦୦-୪୦,୦୦୦ | ୪୮୦ | ୧୬ | ୨୦୦ | ୩୯୮ | ୪୯୬ |
| ୪୦,୦୦୦-୫୦,୦୦୦ | ୨୭୨ | ୯ | ୧୫୨ | ୨୪୨ | ୩୨୬ |
| ୫୦,୦୦୦-୬୦,୦୦୦ | ୧୩୫ | ୬ | ୮୨ | ୧୭୩ | ୨୨୬ |
| ୬୦,୦୦୦ + | ୮୩ | ୪ | ୯୮ | ୨୩୬ | ୨୭୮ |
| ସମୁଦାୟ | ୧,୮୨୯ | ୧୬୦ | ୯୫୧ | ୧,୭୦୭ | ୨,୦୫୧ |


- ଜାଫେମା’୨୦ରୁ ଜାଫେମା’୨୧ ମଧ୍ୟରେ କର୍ଣ୍ଣାଟକ ରାଜ୍ୟର ଋଣ ସ୍ରୋତ ବର୍ଷରୁ ବର୍ଷ ଅଭିବୃଦ୍ଧିରେ ୧୨ ପ୍ରତିଶତ ଦୃଷ୍ଟିଗୋଚର ହୋଇଥାଏ ।
- ଅମେଜୁ’୨୦ ବ୍ୟତୀତ, ୩୦ ହଜାର -୪୦ ହଜାର ଟିକେଟ ଆୟତନ ବର୍ଗରେ ସମସ୍ତ ତ୍ରୈମାସିକରେ ଋଣ ପ୍ରଦାନ ସଂଖ୍ୟା ସର୍ବୋଚ୍ଚ ଅଟେ ।

# କର୍ଣ୍ଣାଟକ ପୋର୍ଟଫୋଲିଓ ଗତିବିଧି




- ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ କର୍ଣ୍ଣାଟକ ରାଜ୍ୟରେ ବକେୟା ପୋର୍ଟଫୋଲିଓରେ ୧୬ ପ୍ରତିଶତର ବୃଦ୍ଧି ହୋଇଛି ।
- ବ୍ୟାଙ୍କ ସହିତ ତାଳ ଦେଇ ଏନବିଏଫସି-ଏମଏଫଆଇର ଏହାର ସମସ୍ତ ତ୍ରୈମାସିକା ଦ୍ୱାରା ବକେୟା ପୋର୍ଟଫୋଲିଓ ପାଇଁ ସର୍ବୋଚ୍ଚ ବଜାର ପୁଞ୍ଜି ଲଗାଣ ରହିଛି ।
- ବ୍ୟାଙ୍କର ବଜାର ପୁଞ୍ଜି ଲଗାଣରେ ବୃଦ୍ଧି ହୋଇଛି । ମାର୍ଚ୍ଚ ୨୦୨୦ରେ ରହିଥିବା ୨୦ ପ୍ରତିଶତ ଅଭିବୃଦ୍ଧି ହାର ତୁଳନାରେ ମାର୍ଚ୍ଚ ୨୦୨୧ରେ ଏହା ୨୭ ପ୍ରତିଶତ ରହିଛି ।

# କର୍ଣ୍ଣାଟକ ଅବହେଳିତ ଗତିବିଧି





- କର୍ଣ୍ଣାଟକ ରାଜ୍ୟରେ ମାର୍ଚ୍ଚ ୨୦୨୦ ତୁଳନାରେ ମାର୍ଚ୍ଚ ୨୦୨୧ର ମୋଟାମୋଟି ୯୦ ଯୁକ୍ତ ଅବହେଳିତ ସ୍ଥିତିରେ ଉନ୍ନତି ଘଟିଛି । ମାର୍ଚ୍ଚ ୨୦୨୦ରେ ଥିବା ୨.୪ ପ୍ରତିଶତରୁ ଏହି ସ୍ଥିତି ମାର୍ଚ୍ଚ ୨୦୨୧ରେ ୧.୭୩ ପ୍ରତିଶତକୁ ଖସି ଆସିଛି ।
- ସେହିଭଳି ବ୍ୟାଙ୍କ କ୍ଷେତ୍ରରେ ଏହି ୯୦ଯୁକ୍ତ ଅବହେଳିତ ସ୍ଥିତି ମାର୍ଚ୍ଚ ୨୦୨୦ରେ ଥିବା ୩.୧୪ ପ୍ରତିଶତରୁ ମାର୍ଚ୍ଚ ୨୦୨୧ ୦.୮୭ ପ୍ରତିଶତକୁ ଖସି ଆସିଛି ।

**Note:** Delinquencies calculated basis POS.

EQUIFAX

sidbi


# ଉଚ୍ଚଭିଳାଷୀ ଜିଲ୍ଲା ସମୂହ




# ଉଚ୍ଚାଭିଳାଷୀ ଜିଲ୍ଲା

ମାର୍ଚ୍ଚ ୨୦୨୧ ଅବଲୋକନ

**ପୋର୍ଟଫୋଲିଓ (କୋଟିରେ)** | **ବିତରିତ ପରିମାଣ (କୋଟି ଟଙ୍କାରେ) ଅପ୍ରେଲ ୨୦ରୁ ମାର୍ଚ୍ଚ ୨୧**




**୩୦+ ଏବଂ ୯୦+ ପିଓଏସ ଅବହେଳିତ ଋଣଦାତା ବିଭାଗ ଆଧାରିତ**





| ଉଚ୍ଚାଭିଳାଷୀ ଜିଲ୍ଲାସମୂହ ବୃଦ୍ଧି ବିଷୟବସ୍ତୁ | ଡ଼ିସେମ୍ବର ୨୦୧୭ | ମାର୍ଚ୍ଚ ୨୦୨୧ | ବୃଦ୍ଧିର ହାର% |
|---|---|---|---|
| ଚଳଚ୍ଚିତ୍ରଳ ଗ୍ରାହକଙ୍କ ପ୍ରବେଶ ('୦୦୦) | ୪,୧୫୫ | ୮,୫୪୪ | ୧୦୬% |
| ବିତରଣର ପରିମାଣ (କୋଟିରେ) | ୧୪,୩୭୪ * | ୨୭,୩୯୭ ** | ୯୧% |
| ସକ୍ରିୟ ଋଣ ('୦୦୦) | ୬,୯୨୫ | ୧୩,୬୮୧ | ୯୮% |
| ବକେୟା ପୋର୍ଟଫୋଲିଓ (କୋଟିରେ) | ୧୧,୧୭୫ | ୩୧,୮୫୬ | ୧୮୫% |
| ୩୦+ ଅବହେଳିତ | ୧.୫୪% | ୭.୬୮% | - |
| ୯୦+ ଅବହେଳିତ | ୦.୭୫% | ୩.୩୨% | - |

- ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା ଉଚ୍ଚାଭିଳାସୀ ଜିଲ୍ଲା ଗୁଡ଼ିକର ବକେୟା ପୋର୍ଟଫୋଲିଓ ୩୧,୮୫୬ କୋଟି ଅଟେ ଯାହା ୪୩ ପ୍ରତିଶତ ବ୍ୟାଙ୍କ ପୁଞ୍ଜି ସହିତ ଥିବା ବେଳେ ୩୫ ପ୍ରତିଶତ ଏନବିଏଫସି-ଏମଏଫଆଇ ଗୁଡ଼ିକୁ ଅନୁସରଣ କରିଥାଏ ।
- ଏନବିଏଫସିର ୩୦ ଯୁକ୍ତ ଏବଂ ୯୦ ଯୁକ୍ତ ଅବହେଳିତ ସ୍ଥିତି ସର୍ବୋଚ୍ଚ ଅଟେ ଯାହା ବ୍ୟାଙ୍କର ବକେୟା ପୋର୍ଟଫୋଲିଓର ୧୮୫ ପ୍ରତିଶତ ଅଭିବୃଦ୍ଧିକୁ ଅନୁସରଣ କରିଥାଏ ଏବଂ ବିତରଣୀୟ ଋଣ ପରିମାଣ ଡ଼ିସେମ୍ବର ୨୦୧୭ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ୯୧ ପ୍ରତିଶତ ଅଯେ ।

**Note:** *Disbursement January 2017 to December 2017 / ** Disbursement April 2020 to March 2021.
Delinquencies are calculated basis POS.

# କୋଭିଡ଼ - ୧୯ ଏବଂ ଭୂଗତିବିଧି




# ଅଞ୍ଚଳ ଭତ୍ତିକ ବଜାର ଅଂଶ


ମାଇକ୍ରୋଫାଇନାନ୍ସ କ୍ଷେତ୍ର ଉପରେ କୋଭିଡ୍-୧୯ର ପ୍ରଭାବକୁ ବିଶ୍ଲେଷଣ କରିବା ପାଇଁ ଋଣଦାତା ମାନଙ୍କ ଦ୍ୱାରା ବଜାର ଅଂଶ ଏବଂ ବିଭିନ୍ନ ଅଞ୍ଚଳର ହାରାହାରି ଟିକେଟ ଆୟତନ ବିତରଣ ଧାରା ଉପରେ ବିଶ୍ଲେଷଣ କରାଯାଇଥିଲା । ଋଣଦାତା ମାନଙ୍କ ଦ୍ୱାରା ଦାଖଲ ତଥ୍ୟ ଉପରେ ଆଧାର କରି ଏହି ଅଞ୍ଚଳ ଗୁଡ଼ିକୁ ବ୍ୟାଖ୍ୟା କରାଯାଇଛି । ବର୍ଷରୁ ବର୍ଷ ଆଧାରରେ ଏହି ତଥ୍ୟ ଗୁଡ଼ିକୁ ତୁଳନା କରାଯାଇଛି ଏବଂ ପୂର୍ବ କୋଭିଡ୍ ସମୟ ଭାବରେ ଜାଫେମା'୨୦କୁ ଏଥିପାଇଁ ନିଆଯାଇଛି ।

### ଅଞ୍ଚଳ ଭତ୍ତିକ ବଜାର ଅଂଶ ଆଧାରିତ ବଣ୍ଟନ ପରିମାଣ

**ଜାଫେମା'୨୦**
**ବଟନ ପରିମାଣ ୭୩,୭୨୨ କୋଟି**




**ଜାଫେମା'୨୧**
**ବଟନ ପରିମାଣ ୯୩,୧୦୦ କୋଟି**





ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ

- ବିତରଣ ହୋଇଥିବା ରାଶି ପାଇଁ ସର୍ବାଧିକ ଅବଦାନ ହେଉଛି ପୂର୍ବ ଅଞ୍ଚଳରୁ ଯାହା ସମୁଦାୟ ବଟିତ ପରିମାଣର ୪୫ ପ୍ରତିଶତ ଅଟେ ।
- ମୋଟାମୋଟି ଭାବରେ ଅଞ୍ଚଳ ଭିତ୍ତିକ ବଜାର ଅଂଶର ସାମଗ୍ରିକ ଧାରା ଜାଫେମା'୨୦ ସହିତ ସମାନ ଏବଂ ଏଥିରେ ରହିଛି ଉତ୍ତର ଅଞ୍ଚଳର ୧ ପ୍ରତିଶତ ବୃଦ୍ଧି ସହିତ ଦକ୍ଷିଣ ଅଞ୍ଚଳର ୧ ପ୍ରତିଶତ ହ୍ରାସ ।

**ଟିପ୍ପଣୀ :**
**ପୂର୍ବ ଜୋନ୍** – ଅରୁଣାଞ୍ଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ସିକିମ, ତ୍ରିପୁରା ଏବଂ ପଶ୍ଚିମ ବଙ୍ଗଳା
**ପଶ୍ଚିମ ଜୋନ୍** - ଦାଦର ଏବଂ ନଗର ହାବେଳି, ଦାମଣ ଏବଂ ଦିୟୁ, ଗୋଆ, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ
**ଉତ୍ତରଜୋନ୍** – ଚ଼ଣ୍ଡିଗଡ଼, ଦିଲ୍ଲୀ, ହରିୟାଣା, ହିମାଞ୍ଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ
**ଦକ୍ଷିଣ ଜୋନ୍** - ଆଣ୍ଡାମାନ୍ ଓ ନିକୋବର ଦୀପ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ଲାକ୍ଷାଦୀପ, ପଣ୍ଡିଚେରୀ, **ତାମିଲନାଡୁ** ଏବଂ ତେଲେଙ୍ଗାନା

# ଅଞ୍ଚଳ ଏବଂ ରଣଦାତା ଭିତ୍ତିକ ବଜାର ଅଂଶ


ଅଞ୍ଚଳ ଏବଂ ରଣଦାତା ଭିତ୍ତିକ ବଜାର ଅଂଶ ଆଧାରିତ ବଣ୍ଟନ ପରିମାଣ




- ବ୍ୟାଙ୍କର ବଜାର ଅଂଶ ସମସ୍ତ ଜୋନରେ ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୧ରେ ବୃଦ୍ଧି ପାଇଛି । ଦକ୍ଷିଣ ଜୋନର ସର୍ବାଧିକ ୭ ପ୍ରତିଶତ ବୃଦ୍ଧିକୁ ହେଇଛି ।
- ବ୍ୟାଙ୍କ ବ୍ୟତୀତ ଏନଏଫସି-ମାଇକ୍ରୋଫାଇନାନ୍ସ ଶିଳ୍ପ ଅଭିବୃଦ୍ଧିକୁ ପଞ୍ଜିକରଣ କରିବାରେ କେବଳ ବଜାର ଅଂଶରେ ସକ୍ଷମ ହୋଇପାରିଛନ୍ତି ଯାହା ମଧ୍ୟ କେବଳ ଦକ୍ଷିଣ ଜୋନରେ ।

# ଜୋନ ଭିତ୍ତିକ ହାରାହାରି ଟିକେଟ ଆୟତନର ଗତିବିଧି

ଜୋନ ଭିତ୍ତିକ ହାରାହାରି ଟିକେଟ ଆୟତନର ଗତିବିଧି




- ଜାଫେମା'୨୦ରୁ ଜାଫେମା'୨୧ ମଧ୍ୟରେ ଦକ୍ଷିଣ ଜୋନ ବର୍ଷରୁ ବର୍ଷ ହାରାହାରି ଟିକେଟ ଆୟତନ ବୃଦ୍ଧିରେ ସର୍ବୋଚ୍ଚ ୧୩ ପ୍ରତିଶତରେ ରହିଛି ।
- ଜାଫେମା'୨୦ରୁ ଜାଫେମା'୨୧ ମଧ୍ୟରେ ପଶ୍ଚିମ ଏବଂ ଉତ୍ତର ଜୋନ ହାରାହାରି ଟିକେଟ ଆୟତନ ବୃଦ୍ଧିର ୯ ପ୍ରତିଶତରେ ରହିଛି ।

## ସିଡ୍‌ବି ସମ୍ପର୍କରେ :

୧୯୯୦ ମସିହାରେ ସଂସଦର ଏକ ଅଧିନିୟମ ଅନୁଯାୟୀ ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ଼ବି)ର ପ୍ରତିଷ୍ଠା ହୋଇଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ର ପ୍ରୋତ୍ସାହନ, ଆର୍ଥିକ ତଥା ବିକାଶ ଭଳି ତିନୋଟି ପ୍ରମୁଖ ବିଷୟବସ୍ତୁକୁ କାର୍ଯ୍ୟକାରୀ କରିବା ପାଇଁ ତଥା ସମାନ କାର୍ଯ୍ୟକଳାପରେ ନିୟୋଜିତ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟଗୁଡ଼ିକର ସମନ୍ୱୟ ପାଇଁ ସିଡ଼ବିକୁ ମୁଖ୍ୟ ଆର୍ଥିକ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ନ୍ୟସ୍ତ କରାଯାଇଛି । ବର୍ଷ ବର୍ଷ ଧରି ଏହାର ବିଭିନ୍ନ ଆର୍ଥିକ ଏବଂ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟାଙ୍କ ସମାଜର ବିଭିନ୍ନ ସ୍ତରରେ ରହିଥିବା ଲୋକଙ୍କ ଜୀବନକୁ ଛୁଇଁ ପାରିଛି, ସମଗ୍ର ଏମଏସଏମଇ ବୈଚିତ୍ରତା ଉପରେ ଉଦ୍ୟୋଗ ଗୁଡ଼ିକୁ ପ୍ରଭାବିତ କରିଛି ଏବଂ ଏମଏସଏମଇ ଜୈବ ପରିବେଶରେ ଅନେକ ବିଶ୍ୱସନୀୟ ଅନୁଷ୍ଠାନ ସହିତ ଜଡ଼ିତ ଅଛି ।

ଭିଜନ୨.୦ ଅଧୀନରେ ଏମଏସଏମଇରେ ରହିଥିବା ବିଭିନ୍ନ କ୍ଷେତ୍ର ଯଥା – ଏମଏସଏମଇ ପଲ୍‌ସ, ଏମଏସଏମଇ ଏବଂ କ୍ରିସିଡ଼େକ୍ସରେ ରହିଥିବା ସ୍ୱାସ୍ଥ୍ୟ ସମ୍ବନ୍ଧିତ ସ୍ତର, ଅଣୁ କ୍ଷୁଦ୍ର ଶିଳ୍ପ (ଏମଏସଇ)ର ଭାବନା ଓ ଆକାଂକ୍ଷାକୁ ମାପିବା ପାଇଁ, ଶିଳ୍ପ ଆଲୋକପାତ, ଶିଳ୍ପ କ୍ଷେତ୍ର ଏବଂ ଫିନ୍‌ଟେକ୍ ପଲ୍ସ ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ, ଫିନ୍‌ଟେକ୍ ସୁଧ ପ୍ରଦାନ ବିଷୟ ଉପରେ ଏକ ଉଦ୍ଧାରୀ ତଥ୍ୟ ପ୍ରଦାନ ତଥା ମାଇକ୍ରୋଫାଇନ୍‌ସ ପଲ୍‌ସ ଠାରୁ ଅଲଗା ଥିବା ଇତ୍ୟାଦି କ୍ଷେତ୍ରରେ ସିଡ୍‌ବି ବିଭିନ୍ନ ପ୍ରକାର ପଦକ୍ଷେପର ନେତୃତ୍ୱ ନେଇ ଏହାର ଅସଙ୍ଗତ ସୂଚ଼ନା ଉପରେ ନିଜର ମତପୋଷଣ କରିପାରିଛି ।

## ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ସିଡ୍‌ବି :

ମାଇକ୍ରୋଫାଇନାନ୍ସ ଆନ୍ଦୋଳନକୁ ସମର୍ଥନ କରି ଅନ୍ତର୍ଭୁକ୍ତ ଆର୍ଥିକ ଏଜେଣ୍ଡାକୁ ଆଗେଇ ନେବାରେ ସିଡ୍‌ବି ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ମାଇକ୍ରୋଫାଇନାନ୍ସ ଅଧିନରେ ବ୍ୟାଙ୍କ ମାର୍ଚ୍ଚ ୨୦୨୦ ସୁଦ୍ଧା, ୧୦୦ରୁ ଅଧିକ ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକୁ ୧୯.୮୭୧ କୋଟି ମଂଜୁର କରିଛି । ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକୁ ଋଣ ଏବଂ ଇକ୍ୟୁଟି ସହାୟତା ତଥା ଏହି ଅନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ କର୍ପୋରେଟ୍ ଶାସନ ସଂସ୍କୃତିକୁ ମୂଲ୍ୟାଙ୍କନ ଅନୁକରଣ ପୂର୍ବକ ଏହାର ଉପକରଣ ଗୁଡ଼ିକୁ ଭଲ ଭାବରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛି । ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ଦୁର୍ବଳ ଆରମ୍ଭରୁ ଏକ ପୂର୍ଣ୍ଣ ଶିଳ୍ପ ବିଭାଗ ପର୍ଯ୍ୟନ୍ତ ହସ୍ତାନ୍ତର କରିବା ବ୍ୟତୀତ, ଆମର ଅନ୍ୟ ୮ଟି ଅଂଶୀଦାର ମାଇକ୍ରୋଫାଇନାନ୍ସ ଉଦ୍ୟୋଗକୁ ଏସଏଫବି ସମୂହ / ୟୁନିଭର୍ସାଲ ବ୍ୟାଙ୍କରେ ପରିଣତ କରିବାରେ ରହିଥିବା ଗତିପଥକୁ ଆହୁରି ସୁଗମ କରିପାରିଛି । ମାଇକ୍ରୋ ଋଣ ପ୍ରଦାନରେ ଆଉ ଏକ ପଥ ଅତିକ୍ରମ କରି ସିଡ୍‌ବି ଗ୍ରହଣ କରିଥିବା (ସହଭାଗୀତା ବ୍ୟବସ୍ଥା ମାଧ୍ୟମରେ) ସ୍ୱାଗତଯୋଗ୍ୟ ପଦକ୍ଷେପ ମଧ୍ୟରେ ରହିଛି, ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ସୁଧ ହାରରେ ପ୍ରତ୍ୟକ୍ଷ ଭାବରେ ଛୋଟ ଋଣ ପ୍ରଦାନର ବ୍ୟବସ୍ଥା । "ପ୍ରୟାସ" ନାମକ ଏହି ପଦକ୍ଷେପ ଅନୁଯାୟୀ, ବ୍ୟାଙ୍କ ଭାଗିଦାରୀ ମଡ଼େଲ ଅନ୍ତର୍ଗତ ବଜାର ସୁଧ ଦର ତୁଳନାରେ କମ୍ ସୁଧ ହାରରେ ରହିଥିବା ପିରାମିଡ଼୍‌ର ତଳ ଭାଗ ଯଥା ଅଣୁ ଋଣ ଗ୍ରହୀତାଙ୍କ ସୁବିଧା ପାଇଁ ୦.୫୦ ଲକ୍ଷରୁ ୫ଲକ୍ଷ ପର୍ଯ୍ୟନ୍ତ ଟିକେଟ ଆକାରର ଋଣ ପ୍ରଦାନ କରୁଛି ।

## ଇକ୍ୟୁଫ୍ୟାକ୍ସ ସମ୍ପର୍କରେ :

ଇକ୍ୟୁଫ୍ୟାକ୍ସ ହେଉଛି ଏକ ବିଶ୍ୱସ୍ତରୀୟ ସୂଚ଼ନା ସମାଧାନକାରୀ କମ୍ପାନୀ ଯାହାକି ଅଦ୍ୱିତୀୟ ବିଶ୍ୱସ୍ଥ ତଥ୍ୟ, ଅଭିନବ ବିଶ୍ଲେଷକ, ବୈଷୟିକ ଏବଂ ଶିଳ୍ପ ଜ୍ଞାନ କୌଶଳର ବ୍ୟବହାର କରି ବିଶ୍ୱସ୍ତରୀୟ ଶକ୍ତି ସଂଗଠନ ତଥା ବ୍ୟକ୍ତି ବିଶେଷଙ୍କୁ, ଜ୍ଞାନର ଅନ୍ତର୍ନିହିତ ଭାବକୁ ବିକଶିତ କରିବା ସହିତ ଅଧିକ ସୂଚ଼ନାପ୍ରାପ୍ତ ବ୍ୟବସାୟ ଏବଂ ବ୍ୟକ୍ତିଗତ ନିଷ୍ପତି ନେବାରେ ସାହାଯ୍ୟ କରିବା ସହିତ ଦକ୍ଷ ନିପୁଣ ଗଢ଼ି ତୋଳିଥାଏ ।

ଆର୍ଟଲାଣ୍ଟା, ଜିଏ., ରେ ମୁଖ୍ୟାଳୟ ସ୍ଥାପିତ ସହିତ ଇକ୍ୟୁଫ୍ୟାକ୍ସ ଉତ୍ତର ଆମେରିକା, ମଧ୍ୟ ଏବଂ ଦକ୍ଷିଣ ଆମେରିକା, ୟୁରୋପ ଏବଂ ଏସିଆ ପ୍ରଶାନ୍ତ ମହାସାଗର ଭଳି ୨୪ଟି ଦେଶରେ କାର୍ଯ୍ୟ କରିବା ସହିତ ନିଜର ପୁଞ୍ଜି ବିନିଯୋଗ କରିଛି । ଏହା ଷ୍ଟାଣ୍ଡାର୍ଡ଼ ଆଣ୍ଡ ପୁଅର'ର (ଏସ ଆଣ୍ଡ ପି) ୫୦୦ ସୂଚ଼କାଙ୍କର ଏକ ସଦସ୍ୟ ଏବଂ ଏହାର ସାଧାରଣ ଷ୍ଟକ୍ ବ୍ୟବସାୟ ନ୍ୟୁୟର୍କ ଷ୍ଟକ ଏକ୍ସଚେଞ୍ଜ (ଏନୱାଇଏସଇ)ରେ ଇଏଫଏକ୍ସ ପ୍ରତୀକ ଅନ୍ତର୍ଗତରେ ବ୍ୟବସାୟ କରିଥାଏ । ଇକ୍ୟୁଫ୍ୟାକ୍ସ ବିଶ୍ୱ ବ୍ୟାପୀ ୧୧ହଜାର କର୍ମଚାରୀଙ୍କୁ ନିଯୁକ୍ତ କରିଛି । ଋଣ ଶିଳ୍ପରେ ୧୨୦ ବର୍ଷରୁ ଅଧିକ ବିଶ୍ୱସ୍ତରୀୟ ଉତ୍ତରାଧିକାରୀ ସହିତ ୨୦୧୦ ମସିହାରେ ଇକ୍ୟୁଫ୍ୟାକ୍ସ ଭାରତୀୟ ବଜାରରେ ନିଜର ଉପସ୍ଥିତି ପ୍ରତିଷ୍ଠା କରିଥିଲା ଏବଂ ସିଆଇସି ଭାବରେ କାର୍ଯ୍ୟ କରିବା ପାଇଁ ଆରବିଆଇ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ହୋଇଥିଲା । ଗତ ୯ବର୍ଷ ମଧ୍ୟରେ ବ୍ୟାଙ୍କ ସମୂହ, ଏନବିଏଫସି ସମୂହ, ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏବଂ ବୀମାକାରୀଙ୍କ ସମେତ କ୍ରେଡ଼ିଟ୍ ବ୍ୟୁରୋ ୪ହଜାର ରୁ ଅଧିକ ସଦସ୍ୟ ବୃଦ୍ଧି କରିପାରିଛି । ଏହି ସଦସ୍ୟମାନେ ଲକ୍ଷ ଲକ୍ଷ ଭାରତୀୟ ଗ୍ରାହକଙ୍କ ଉପରେ ଜନସଂଖ୍ୟା ଏବଂ ପରିଶୋଧ ଉପରେ ସେମାନଙ୍କର ନିଜସ୍ୱ ତଥ୍ୟ ପ୍ରଦାନ କରିଛନ୍ତି । ୨୦୧୪ ମସିହାରେ ଇକ୍ୟୁଫ୍ୟାକ୍ସ ପୁନର୍ବାର ଏକ ବିଶ୍ଲେଷଣାତ୍ମକ ଫାର୍ମ ହାସଲ କରି ଭାରତରେ ଏହାର ପାଦଚ଼ିହ୍ନ ସ୍ଥାପନ ତଥା ବୃଦ୍ଧି କରାଇପାରିଛି । ଇକ୍ୟୁଫ୍ୟାକ୍ସ ଆନାଲିଟିକ୍ସ ପ୍ରା.ଲିଃ ହେଉଛି ଇକ୍ୟୁଫ୍ୟାକ୍ସର ସମ୍ପୂର୍ଣ୍ଣ ମାଲିକାନା ବିଶ୍ଲେଷଣାତ୍ମକ ସଂସ୍ଥା ଯାହା ଏକ ଅତୁଳନୀୟ ପାରମ୍ପରିକ ବିଶ୍ଲେଷଣାତ୍ମକ ସମାଧାନ ପ୍ରଦାନ କରିଥାଏ ଯାହା ଉଭୟ ବ୍ୟବସାୟର କାର୍ଯ୍ୟଦକ୍ଷତା ଏବଂ ଗ୍ରାହକଙ୍କ ଜୀବନକୁ ସମୃଦ୍ଧ କରିଥାଏ ।

### ସ୍ୱତ୍ୱର ପ୍ରତ୍ୟାଖ୍ୟାନ :

ମାଇକ୍ରୋଫାଇନାନ୍ସ ପଲ୍‌ସ (ରିପୋର୍ଟ) ଇକ୍ୟୁଫ୍ୟାକ୍ସ କ୍ରେଡ଼ିଟ୍ ଇନଫରମେସନ ସର୍ଭିସେସ୍ ପ୍ରା.ଲିଃ (ଇକ୍ୟୁଫ୍ୟାକ୍ସ) ଦ୍ୱାରା ପ୍ରସ୍ତୁତ । ରିପୋର୍ଟ ଭିତରକୁ ଯାଇ ଏବଂ ବ୍ୟବହାର କରି ଉପଭୋକ୍ତା ଏହାକୁ ସ୍ୱିକୋରୋକ୍ତି ଏବଂ ଗ୍ରହଣ କରିବେ ଯେ, ଏହିପରି ବ୍ୟବହାର ଏହି ପ୍ରତ୍ୟାଖ୍ୟାନ ଅଧିନରେ ଅଛି ।

ସେପ୍ଟେମ୍ବର ୨୦୨୦ ସୁଦ୍ଧା ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଇକ୍ୟୁଫ୍ୟାକ୍ସ ରିପୋର୍ଟ ପ୍ରସ୍ତୁତ କରିବାରେ ଇକ୍ୟୁଫ୍ୟାକ୍ସ ଯୁକ୍ତିଯୁକ୍ତ ଯତ୍ନ ନେଉଥିବା ବେଳେ ଅଣୁଅର୍ଥ ସଂସ୍ଥା ଦ୍ୱାରା ଦାଖଲ ହୋଇଥିବା ଭୁଲ କିମ୍ବା ଅନୁପଯୁକ୍ତ ତଥ୍ୟ ହେତୁ ଦେଖାଦେଉଥିବା ଜଟିଳତା, ତ୍ରୁଟି ଏବଂ/ କିମ୍ବା ତ୍ରୁଟି ପାଇଁ ଏହା ଦାୟୀ ରହିବ ନାହିଁ । ଅଧିକନ୍ତୁ ଇକ୍ୟୁଫ୍ୟାକ୍ସ ରିପୋର୍ଟରେ ଥିବା ତଥ୍ୟର ପର୍ଯ୍ୟାପ୍ତତା କିମ୍ବା ସମ୍ପୂର୍ଣ୍ଣତା ଏବଂ / କିମ୍ବା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏହାର ଉପଯୁକ୍ତତା ଗ୍ୟାରେଣ୍ଟି ଦିଏ ନାହିଁ କିମ୍ବା ରିପୋର୍ଟ ଉପରେ କୌଣସି ପ୍ରବେଶ କିମ୍ବା ନିର୍ଭରଶୀଳତା ପାଇଁ ଇକ୍ୟୁଫ୍ୟାକ୍ସ ଦାୟୀ ନୁହେଁ ଏବଂ ଏହିପରି ସମସ୍ତ ଦାୟିତ୍ୱ ପ୍ରଦାନକୁ ଇକ୍ୟୁଫ୍ୟାକ୍ସ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରେ । ଏହି ରିପୋର୍ଟ ପ୍ରତ୍ୟାଖ୍ୟାନ / ଅଗ୍ରାହ୍ୟ କିମ୍ବା କୌଣସି ପ୍ରୟୋଗ, ଉତ୍ପାଦ କିମ୍ବା ଇକ୍ୟୁଫ୍ୟାକ୍ସ ଦ୍ୱାରା କୌଣସି ସୁପାରିଶ ନୁହେଁ ତାହା ସେହି ଜିନିଷ ପାଇଁ ଯାହା ମଧ୍ୟରେ ରହିଛି, ୧- ଋଣ ଦେବା କିମ୍ବା ଋଣ ନଦେବା ଏବଂ ୨- ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କୌଣସି ଆର୍ଥିକ କାରବାରରେ ପ୍ରବେଶ କିମ୍ବା ପ୍ରବେଶ ନ କରିବା ପାଇଁ । ସଂସ୍ଥା ରିପୋର୍ଟରେ ଥିବା ସୂଚ଼ନା ପରାମର୍ଶ ଗଠନ କରେ ନାହିଁ ଏବଂ ଉପଭୋକ୍ତା ସମସ୍ତ ଆବଶ୍ୟକୀୟ ବିଶ୍ଲେଷଣ କରିବା ଉଚ଼ିତ ଯାହା ଏହି ରିପୋର୍ଟରେ ଥିବା ସୂଚ଼ନା ଉପରେ ଆଧାର କରି କୌଣସି ନିଷ୍ପତି ନେବା ପୂର୍ବରୁ ତାଙ୍କ ମତରେ ଚ଼ତୁର ଅଟେ । ରିପୋର୍ଟର ବ୍ୟବହାର କ୍ରେଡ଼ିଟ୍ ସୂଚ଼ନା କମ୍ପାନୀ (ନିୟମାବଳୀ) ଅଧିନିୟମ ୨୦୦୫, କ୍ରେଡ଼ିଟ୍ ସୂଚ଼ନା କମ୍ପାନୀ ୨୦୦୬, କ୍ରେଡ଼ିଟ୍ ସୂଚ଼ନା ନିୟମାବଳୀ ଧାରା ୨୦୦୬ ଦ୍ୱାରା ପରିଚ଼ାଳିତ । ରିପୋର୍ଟର କୌଣସି ଅଂଶର ନକଲ, ପ୍ରସାରିତ ଏବଂ ପ୍ରକାଶନ ପୂର୍ବ ଅନୁମୋଦନ ବିନା ହୋଇପାରିବ ନାହିଁ ।

## ଯୋଗାଯୋଗ ସମ୍ପୂର୍ଣ୍ଣ ବିବରଣୀ


ଇକ୍ୟୁଫ୍ୟାକ୍ସ କ୍ରେଡ଼ିଟ୍ ଇନଫରମେସନ୍ ସର୍ଭିସେସ୍ ପ୍ରା.ଲିଃ
ଉନ୍ନିତ ନଂ. ୯୩୧, ତୃତୀୟ ମହଲା, ବିଲଡ଼ିଂ ନଂ.-୯,
ସଲିଟେୟାର କର୍ପୋରେଟ୍ ପାର୍କ, ଅନ୍ଧେରୀ ଘଟକୋପର, ଲିଙ୍କରୋଡ଼,
ଅନ୍ଧେରୀ (ପୂର୍ବ), ମୁମ୍ବାଇ – ୪୦୦୦୯୩

ନିଃଶୁଳ୍କ ନଂ.- ୧୮୦୦୨୦୯୩୨୪୭
ecissupport@equifax.com

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ
ସ୍ୱାବଲମ୍ବନ ଭବନ, ପ୍ଲଟ ନଂ. ସି-୧୧, 'ଜି' ବ୍ଲକ୍,
ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ),
ମୁମ୍ବାଇ – ୪୦୦୦୫୧, ମହାରାଷ୍ଟ୍ର,

ନିଃଶୁଳ୍କ ନଂ.-୧୮୦୦୨୨୬୭୫୩
www.sidbi.in/en


Copyright © 2021, Equifax Inc., Atlanta, Georgia. All rights reserved. Equifax is a registered trademarks of Equifax Inc.